# The Odisha Gazette

**EXTRAORDINARY**

**PUBLISHED BY AUTHORITY**

**No. 1026 CUTTACK, MONDAY, MAY 8, 2023/BAISAKHA 18, 1945**

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଘୋଷଣା

**No. 11916--RDM-LAA-MBJ-0032/2018-R&DM. Dated 03-04-2023**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013 )ର ଧାରା ୧୯ ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା- **ହେଁସାଡ଼ିହି(ଅତିରିକ୍ତ)**, ଥାନା- ତିରିଙ୍ଗ ନଂ. ୫୧ , ତହସିଲ- ତିରିଙ୍ଗ, ଜିଲ୍ଲା- ମୟୂରଭଞ୍ଜ ରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ଇଚ୍ଛା ଜଳ ଭଣ୍ଡାର (ଓଡ଼ିଶା ଅଂଶ) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି I

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୩୦୫୮୦ ତା. ୨୦.୦୮.୨୦୧୮** ରିଖ ରେ ପ୍ରକାଶିତ ହୋଇଅଛି ଏବଂ ପ୍ରଚଳିତ ପରିସ୍ଥିତିକୁ ବିଚାରକୁ ନେଇ ରାଜ୍ୟ ସରକାର ଧାରା ୧୯ ର ଉପଧାରା ୭ ଅଧୀନରେ ପ୍ରକାଶିତ ବିଜ୍ଞପ୍ତି ନଂ ୧୦୯୩୦ ତା ୨୩.୦୩.୨୦୨୩ ରିଖ ଅନୁସାରେ ଅଧିସୂଚନାର ବୈଧତା ତା ୩୦.୦୪.୨୦୨୩ ରିଖ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିଅଛନ୍ତି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା – **ହେଁସାଡ଼ିହି(ଅତିରିକ୍ତ)**, ଥାନା- ତିରିଙ୍ଗ ନଂ. ୫୧, ଜିଲ୍ଲା- ମୟୂରଭଞ୍ଜ ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ I

ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ http://revenue.odisha.gov.in ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ , ଲକ୍ଷ୍ମୀପୋଷି, ବାରିପଦା, ସ୍ଥିତ ମୟୁରଭଞ୍ଜ ଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ ।

## ତଫସିଲ- କ
## (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: ମୟୂରଭଞ୍ଜ  ତହସିଲ: - ତିରିଙ୍ଗ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରଯତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହେଁସାଡ଼ିହି(ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୧.୫୧ | ଏକର ୧.୫୧ | ଏଥି ସହିତ ସଂଲଗ୍ନ |

## ତଫସିଲ- ଖ
## (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁ ସୂଚୀ)

ଜିଲ୍ଲା:- ମୟୂରଭଞ୍ଜ  ତହସିଲ: - ତିରିଙ୍ଗ

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟ୍ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରଯତ୍ ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୦୨.୦୧.୨୦୧୯ ।

# ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା- ୧୩/୨୦୧୮

ଏ.୧.୫୧ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଇଚ୍ଛା ଜଳ ଭଣ୍ଡାର (ଓଡ଼ିଶା ଅଂଶ) ଅତିରିକ୍ତ ନିମନ୍ତେ ମୌଜା-ହେଁସାଡିହି, ଥାନା- ତିରିଙ୍ଗ ନଂ- ୫୮,ତହସିଲ- ତିରିଙ୍ଗ, ଜିଲ୍ଲା-ମୟୁରଭଞ୍ଜ**

| ଖାତା ନଂ ଓ ସତ୍ୱ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରବବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧୧୭/୯ | ୯୦୮/୧୨୩୪ | ୦.୯୨ | ୦.୯୨ | ଶାରଦ ଏକ | କୁନାରାମ ସାଓୟାଁ, ଲେବିୟା ସାଓୟାଁ, ପେଲଙ୍ଗ ମୁଣ୍ଡା, ମେଚ ବାନରା, କାଇରୀ କାଲୁଣ୍ଡିଆ ପି: ମାହାନ୍ତି ସାଓୟାଁ, ଜା:କୋହ୍ଲ, ବା:ଧୋବାଧୋବଣି |
| ୧୨୦/୧ | ୯୦୦ | ୦.୫୯ | ୦.୫୯ | ଶାରଦ ଏକ | କୁନାରାମ ସାଓୟାଁ, ଲେବିୟା ସାଓୟାଁ, ମହାନ୍ତି ସାଓୟାଁ, ଜା:କୋହ୍ଲ, ବା:ନିଜଗାଁ |
| ମୋଟ | ୨ ପ୍ଲଟକୁ | ଏ.୧.୫୧ ଡେ.ମି | ଏ.୧.୫୧ ଡେ.ମି | | |

ରାଜ୍ୟପାଳଙ୍କ ଆଦେଶକ୍ରମେ

ଅଭୟ କୁମାର ନାୟକ

ସ୍ୱତନ୍ତ୍ର ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10

Ex. Gaz. 311—173+25